# Akashvani, Sambalpur

## SAMBALPURI NEWS MORNING BULLETIN

## 3 July 2026 - 6.47- 6.52 am.

---

ରାଜସ୍ୱ ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହେତେ ବାଲେଶ୍ୱର୍, ଭୁବ୍‌ନେଶ୍ୱର୍ ଆଉ ପୁରୀ ନ ତିଆର୍ ଚାଲିଥିବା ଡପ୍‌ଲର୍ ରାଡ଼ାର୍ ଇ ବଛର୍ ଶେଷ୍‌ତକ୍ କାର୍ଯ୍ୟକ୍ଷମ୍ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକେ ଅଏତ୍‌କା ମଜ୍‌ବୁତ୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଠାନେ ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଆଏବା ଖରାଦିନ୍ ଆଘୋନୁ ଯେନ୍ ଜିଲ୍ଲା ମାନ୍‌କେ ଅଏତ୍‌କା ଗ୍ରୀଷ୍ମପ୍ରବାହ ହେଉଛେ ସେଠାନେ ହିଟ୍‌ୱେଭ୍ ସେଂଟର୍ ଥାପ୍‌ନା କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ମୁଖ୍ୟ ଶାସନ୍ ସଚିବ -ସମୀକ୍ଷା      ଆଇ ଆଣ୍ଡ୍ ପି.ଆର୍

ରାଏଜେ ଅଏତ୍କା ସଂଖ୍ୟାଥି ଚାଷୀମାନ୍କୁ ଫସଲ୍ ବୀମା ଯୋଜ୍ନାଥି ସାମିଲ୍ କର୍ବାର୍ ସହେତେ କିଷାନ୍ କ୍ରେଡ଼ିଟ୍ କାର୍ଡ଼ର ଶହେ ପ୍ରତିଶତ୍ ବେଭାର୍ ଲାଗି ରାଜ୍ୟ ସର୍କାର୍ ଜୋର୍ ଦଉଛନ୍ ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ । ଭୁବନେଶ୍ୱର୍ ଲୋକ୍ସେବା ଭବନ୍ ନ ରାଜ୍ୟସ୍ତରୀୟ ଫସଲ୍ ବୀମା ସମନ୍ୱୟ ସମିତି ବୈଠକ୍ଥି ମୁଖ୍ୟ ଶାସନ୍ ସଚିବ ଅଧ୍ୟକ୍ଷତା କରିକରି କହିଛନ୍, ପ୍ରଧାନ୍ମନ୍ତ୍ରୀ ଫସଲ୍ ବୀମା ଯୋଜ୍ନା ଆଘର୍ ବାଗିର୍ ଜାରି ରହେବା । ରାଏଜେ ବିପର୍ଯ୍ୟୟ ପରିଚାଳନା ଆଉ ଫସଲ୍ ଅମଳ ପରବର୍ତୀ ନୁକ୍ସାନ୍ ଉପ୍ରେ ଆଲୋଚନା କରାଯାଇଥିଲା ।

ଡାକ୍ତର୍ ଆନ୍ଦୋଲନ୍       ଆର୍ଏନ୍ୟୁ/ ସମ୍ବଲପୁର

ଆନ୍ଦୋଲନ୍ ଜାରି ରଖିଥିବା ଡାକ୍ତର୍ମାନ୍କୁ ଆନ୍ଦୋଲନ୍ ଛାଡ଼ିକରି କାମ୍ଥି ଯୋଗ୍ ଦେବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ଅନୁରୋଧ୍ କରାଯାଇଛେ । ଓଡ଼ିଶା ମେଡ଼ିକାଲ୍ ସର୍ଭିସେସ୍ ଆସୋସିଏସନ୍ ଡାକ୍ତର୍ମାନ୍କର୍ ଦାବିକେ ମାନ୍ବାର୍ ଲାଗି ସର୍କାର୍ ବ୍ୟବସ୍ଥା

କରୁଛନ୍ ଆଉ ସ୍ୱାସ୍ଥ୍ୟସେବାକେ ବର୍‌କସ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ରୋଗୀସେବା ପ୍ରଭାବିତ୍ ହେଲେ ସର୍‌କାରୀ ନିୟମ୍ ଅନ୍‌ସାରେ ପଦକ୍ଷେପ୍ ନେବାର୍ ଲାଗି ବାଧ ହେବେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ପୁରୀ ଶ୍ରୀମନ୍ଦିର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ଅଣସର ପିଣ୍ଡି ନ ଜରେ ପଡ଼ିଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଗୁପ୍ତ ସେବାଥି ଦଇତାପତି ସେବକ୍‌ମାନେ ଲାଗିଛନ୍ । ଅନବସରର ୫ ନମ୍ବର୍ ଦିନେ ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ ଚନ୍ଦନ ଆଉ କରାଳ ଖୁଲାଯାଇକରି ଶ୍ରୀଅଙ୍ଗ ଫିଟାଯିବା । ସେଆଡ଼େ ମାହାପୁରୁମାନ୍‌କର୍ ସେବା ଲାଗି ସୁନାଗୋସାଇଁ ସେବକ ମାନେ ତିଆର୍ କରିଥିବା ଅନବସର ମଇଲମ ଲାଗି କରାଯାଉଛେ । ସ୍ନାନପୂର୍ଣ୍ଣିମାର୍ ଡେରି ରାତିନୁ ଶ୍ରୀବିଗ୍ରହମାନ୍‌କୁ ଅନବସରଥି ଫି’ ଦିନ ୨ ଥର୍ ପଣା ଆର୍ ଚକ୍‌ଟା ଭୋଗ ଅର୍ପଣ କରାଯାଇକରି ଜର ଉପଶମ ଲାଗି ସେବାୟତମାନେ ଲାଗିଛନ୍ । ଆଏବା କାଏଲ୍‌ନୁ ମାହାପୁରୁମାନ୍‌କୁ ଫୁଲୁରି ତେଲ ଲାଗି ଆଉ ଓଷୁଅ ଲାଗି ନୀତି ମୁଲ୍ ହେବା ।

ଯୁକ୍ତ ଦୁଇ-ଇନ୍‌ଷ୍ଟାଂଟ ଆଉ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା

ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ବିଭାଗ୍‌ର ଇନ୍‌ଷ୍ଟାଂଟ ଆଉ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ଆଏଜ୍ ଆର୍ ଆଏବା କାଏଲ୍ ହେବା । ଆଏଜ୍ ସଖାଲର୍ ୧୦ ବଜେନୁ ଦିନର୍ ୧ ବଜେତକ୍ ଗୁଟେ ସିଟିଂଥି କଳା, ବିଜ୍ଞାନ୍ ଆଉ ବାଣିଜ୍ୟ ବିଭାଗ୍‌ର ରେଗୁଲାର୍ ଆଉ ଏକ୍ସରେଗୁଲାର୍ ଛାତ୍ରଛାତ୍ରୀମାନ୍‌କର୍ ଥିଓରି ପରୀକ୍ଷା କରାଯିବା । ୪ ହଜାର୍ ନୁ ଅଏତ୍‌କା ଛାତ୍ରଛାତ୍ରୀମାନ୍‌କର୍ ଲାଗି ରାଏଜେ ୩୨ ଟା ପରୀକ୍ଷା କେନ୍ଦ୍ର କରାଯାଇଛେ ।

ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ

ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ଲାଷ୍ଟିକ୍ ବେଭାର୍‌ର ଖରାପ୍ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ବୁଝାବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ୍ ପାଲନ୍

କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ଥରେ ବେଭାର୍ ହେଉଥିବା ପ୍ଲାଷ୍ଟିକ୍‌କେ ବର୍ଜନ୍ କରିକରି ଗୁଟେ ସ୍ଥାୟୀ ଭବିଷ୍ୟତ୍ ଆଡ଼୍‌କେ ଯିମା' । ବଙ୍ଗଲାଦେଶ୍ ପୁର୍‌ଥିର୍ ପହେଲା ଦେଶ୍ ଭାବେ ପ୍ଲାଷ୍ଟିକ୍ ବେଗ୍‌ର ବେଭାର୍‌କେ ୨୦୦୨ ମସିହାଥି ନିଷେଧ୍ କରିଥିଲା । ଇତାର୍ ଉତ୍‌ରୁ ଭାରତ୍ ସହେତେ ବହୁତ୍‌ଟେ ଦେଶ୍ ପ୍ଲାଷ୍ଟିକ୍ ବେଗ୍ ବେଭାର୍ ଉପ୍‌ରେ ପ୍ରତିବନ୍ଧକ୍ ଲଗେଇଛନ୍ ।

ଉଦ୍ୟମୀ ଓଡ଼ିଶା ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା ଶିଳ୍ପକେନ୍ଦ୍ର ତର୍‌ଫୁ ଉଦ୍ୟମୀ ଓଡ଼ିଶା ଅଭିଯାନ୍ ଉଦ୍‌ଯାପିତ ହେଇଯାଇଛେ । ସମାରୋହଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇକରି କହିଛନ୍, ଉଦ୍ୟମୀ ପଞ୍ଜୀକରଣ୍ ଅଭିଯାନ୍ ଜରିଏ ଏମ୍.ଏସ୍.ଏମ୍.ଇ. ୟୁନିଟ୍ ମାନ୍‌କର୍ ପଞ୍ଜିକରଣ୍ କରାଯାଇଥିଲା ।

ଜମି ପଟ୍ଟା ପ୍ରଦାନ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ତହସିଲ୍ କାର୍ଯ୍ୟାଳୟ ନ ଓଡ଼ିଶା ସର୍ଭେ ଆଉ ସେଂଟଲ୍‌ମେଂଟ୍ ନିୟମ୍ ୧୯୬୨ ଥି ସଂଶୋଧନ୍ ନେଇକରି ୨୫ ଟା ମାମ୍‌ଲାର୍ ସମାଧାନ୍ କରାଯାଇଛେ । ପ୍ରାକ୍ ସେଟଲ୍‌ମେଂଟ୍ ଦଲିଲ୍ ଆଧାର୍‌ଥି ସଂଶୋଧନ୍ କରାଯାଇକରି ୨୫ ଝନ୍ ଆବେଦନ୍‌କାରୀଙ୍କୁ ତହସିଲ୍ ତର୍‌ଫୁ ଜମିପଟ୍ଟା ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ସହେତେ ରାଜ୍ୟର୍ ଉତର୍ ଭାଗେ ଆଉ ପଶ୍ଚିମବଙ୍ଗ ଉପକୂଳ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଆଏବା କାଏଲ୍‌ତକ୍ ଅଏତ୍‌କା ଘନୀଭୂତ ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ମୌସୁମୀ ସକ୍ରିୟ ଥିବାର୍‌ନୁ ବଡ଼ଭାଗୀ ଜିଲ୍ଲା ନ ବର୍ଷା ଲାଗି ରହିଛେ । ଆଏବା ୯ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମଧ୍ୟମ୍‌ନୁ ଜବର୍ ବର୍ଷା ହେଇପାରେ ।

ସୂଚନା ଅନ୍‌ସାରେ ଆଏଜ୍ କଲାହାଣ୍ଡି, ସୁବର୍ଣ୍ଣପୁର, ବଲାଙ୍ଗିର, ନୂଆପଡ଼ା, ବୌଦ୍ଧ ସହେତେ ଦକ୍ଷିଣ ଆଉ ଉପକୂଳ

ଜିଲ୍ଲାମାନ୍‌କେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ କରାଯାଇଛେ । ଗଲାକାଏଲ୍ ବର୍‌ଗଡ୍ ଜିଲ୍ଲା ଅମ୍ବାଭୋନା ନ ଶହେ ୮୦ ମିଲିମିଟର୍, ସମ୍ବଲ୍‌ପୁର ଜିଲ୍ଲା ଯୁଯୁମୁରା ନ ଶହେ ୩୦ ମିଲିମିଟର୍ ଆର୍ ଅତାବିରା ନ ଶହେ ୨୦ ମିଲିମିଟର୍, ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ନ ଶହେ ୧୦ ଦଶ୍‌ମିକ୍ ୮ ମିଲିମିଟର୍ ବର୍ଷା ହେଇଛେ ।

ସେଆଡ଼େ ୧୨ ତାରିଖ୍ ଆଡ଼େ ଉତର୍ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ ହେବାର୍ ସମ୍ଭାବନା ଥିବାର୍‌ନୁ ଆଏବା ୧୫ ତାରିଖ୍‌ତକ୍ ବର୍ଷା ଲାଗିରହେବା ବଲି ପାଣିପାଗ୍ ବିଶେଷଜ୍ଞମାନେ ଅନୁମାନ୍ କରିଛନ୍ ।